# ସର୍ବ ବାଧାବିଘ୍ନ ନିବାରଣ ନିମନ୍ତେ ଗଣପତି ସାଧନା

ଲେଖକ: ତନ୍ତ୍ର ସାଧକ ସାହିଲ୍ କୁମାର ଦାସ

ନମସ୍କାର ପାଠକ ବନ୍ଧୁ ଆପଣ ସମସ୍ତଙ୍କୁ ଓଡିଶା ତନ୍ତ୍ର ଜ୍ଞାନକୁ ହାର୍ଦିକ ସ୍ୱାଗତ. ଆଜିର ଏହି **article** ଜରିଆରେ ମୁଁ କହିବାକୁ ଯାଉଛି ଗଣପତି ସାଧନା. ଗଣପତି ଅର୍ଥାତ ଗଣେଶ. ଗଣ ଅର୍ଥାତ ଲୋକ. ଯିଏ ଲୋକଙ୍କର ପତି ଅର୍ଥାତ ସ୍ୱାମୀ ବା ପ୍ରଭୁ ସେ ହିଁ ହେଉଛନ୍ତି ଗଣପତି. ତାଙ୍କୁ ହିଁ ମହା ଗଣପତି ବା ଗଣେଶ ବା ଲମ୍ବୋଦର କୁହାଯାଏ. ଗଣେଶଙ୍କର ସାଧନା ମନ୍ତ୍ର ଜପ କରିବା ଦ୍ୱାରା ଜୀବନରେ ଯେତେ ପ୍ରକାର ସମସ୍ୟା ଅଛି ତୁରନ୍ତ ମୁକ୍ତି ମିଳେ. କଣ ସାଧନା କଠିନ? ଜମାରୁ ନୁହେଁ. ଏହି ସାଧନା ଏତେ ସହଜ ଯେ ଆପଣ କେବେ ଚିନ୍ତା ବି କରି ନଥିବେ. ତେବେ କିପରି କରିବେ ସାଧନା? ସାଧନା କିପରି କରିବେ ତାହା ଜାଣିବା ପୂର୍ବରୁ ଆପଣ ଜାଣି ରଖିବା ଉଚିତ ଯେ ଏହି ସାଧନା କେଉଁ ମାନେ କେଉଁ ଆବଶ୍ୟକତା ପୂର୍ତ୍ତି ପାଇଁ କରି ପାରିବେ.

୧୦ ବର୍ଷ ବୟସରୁ ନେଇ ସମସ୍ତ ବୟସର ଲୋକ ସମସ୍ତ ବର୍ଗର ଲୋକ ସମସ୍ତ ଶ୍ରେଣୀର ଲୋକ ଏହି ସାଧନା କରି ପାରିବେ.

## ଏଇ ସାଧନା କରିବା ଦ୍ୱାରା କଣ ଲାଭ ମିଳେ?

- ପାଠ ଯଦି ମନେ ରହୁନି ପାଠ ମନେ ରହିବ.
- ସ୍ମରଣ ଶକ୍ତି ବୃଦ୍ଧି ପାଏ.
- ପୁରୁଷତ୍ୱ ବୃଦ୍ଧି ପାଏ.
- ରାଜକୀୟ କ୍ଷମତା ପ୍ରାପ୍ତ ହୁଏ.
- ରୋଜଗାର ପ୍ରାପ୍ତ ହୁଏ.
- ବିଦ୍ୟା ପ୍ରାପ୍ତ ହୁଏ.
- ନବଗ୍ରହ ପୀଡାରୁ ରକ୍ଷା ମିଳେ.

## ମନ୍ତ୍ରଟି କଣ?

# ବକ୍ର ତୁଂଡାୟ ହୁମ୍

## ସାଧନା ନିମନ୍ତେ ଆବଶ୍ୟକୀୟ ସାମଗ୍ରୀ

**ଅସଲି ରୁଦ୍ରାକ୍ଷ ମାଳା, ଧୂପ, ଦୀପ, ଭୋଗ, ଯେକୌଣସି ପୁଷ୍ପ.**

## କିପରି କରିବେ ସାଧନା?

ଏହି ସାଧନା ଯେକୌଣସି ବୁଧବାର ଠାରୁ ଆରମ୍ଭ କରାଯାଇ ପାରିବ. ବୁଧବାର ଠାରୁ ଆରମ୍ଭ କରି ନିତ୍ୟ ରାତି ୯ ପରେ ଗଣେଶଙ୍କର ପୂଜା କରି ଉକ୍ତ ମନ୍ତ୍ର ଟିକୁ ପ୍ରାଣ ପ୍ରତିଷ୍ଠିତ ରୁଦ୍ରାକ୍ଷ ମାଳାରେ ୨୧ ମାଳା ଜପ କରିବେ. ଏହି ସାଧନା ୪୧ ଦିନର ଅଟେ. ୪୧ ଦିନ ପର୍ଯ୍ୟନ୍ତ ନିତି ୨୧ ମାଳା ମନ୍ତ୍ର ଜପ କରିବା ପରେ ମନ୍ତ୍ରଟି ସିଦ୍ଧ ହେଇଯିବ. ଦେଖିବେ ଜୀବନରେ ଯେତେ ପ୍ରକାର ସମସ୍ୟା ଅଛି ତାହା ତୁରନ୍ତ ୪୧ ଦିନ ଭିତରେ ହିଁ ଶେଷ ହେଇଯିବ. ଏହି ସାଧନା ଅତ୍ୟନ୍ତ ଗୁପ୍ତ ତଥା ପରୀକ୍ଷିତ. ଅନେକ ଥର ଏଇ ସାଧନାକୁ ପରୀକ୍ଷା କରା ଯାଇଛି. ଏବଂ ଚମତ୍କାରୀ ପରିଣାମ ମିଳିଛି. ଏଇ ଭଳି ଶୁଦ୍ଧ ସାତ୍ତ୍ୱିକ ତନ୍ତ୍ର ସାଧନା ବିଷୟରେ ଜାଣିବା ପାଇଁ ଆମର ୱେବ୍ସାଇଟ **Orissa Times** କୁ ପ୍ରତ୍ୟେକ ଦିନ ଫଲ କରନ୍ତୁ. ଏବଂ ତାସହ ଆମର **youtube channel** ଓଡିଶା ତନ୍ତ୍ର ଜ୍ଞାନକୁ **subscribe** ମଧ୍ୟ କରନ୍ତୁ.